# ଓଡ଼ିଆ ଭାଷା ବିକାଶର ରାସ୍ତା

**ଶୁଭାଶିଷ ପାଣିଗ୍ରାହୀ**

ଓଡ଼ିଆ ଭାଷା ତାହାର ୨,୫୦୦ ବର୍ଷର ଭାଷାଭିତ୍ତିକ ନଥୀକରଣ ଓ ଆହୁରି କେଇ ହଜାର ବର୍ଷର ନଥୀକରଣ ହୋଇ ନଥିବା ଇତିହାସ, ବାକି ଭାଷାମାନଙ୍କଠାରୁ ଖୁବ୍ କମ୍ ପ୍ରଭାବିତ ହୋଇ ଏକ ସ୍ୱକ୍ଷ ଭାଷା ଭାବେ ନିଜେ କେତେ ହଜାର ବର୍ଷ ଧରି ବଢ଼ିଥିବାର ପ୍ରମାଣକୁ ଆଧାର କରି, ଏହି ବର୍ଷ ଫେବ୍ରୁଆରି ୨୦ ତାରିଖରେ ଶାସ୍ତ୍ରୀୟ ମାନ୍ୟତା ପାଇଲା। ଏଠାରେ ଗୋଟିଏ ବିଷୟ ସ୍ପଷ୍ଟ। ତାହା ହେଲା ଓଡ଼ିଆ ନିଶ୍ଚିତ ଭାବେ ବାକି ଭାରତୀୟ ଭାଷାମାନଙ୍କଠାରୁ ପୁରୁଣା ଓ ଅଧିକ ସମୃଦ୍ଧ। କିନ୍ତୁ ପ୍ରଶ୍ନ ହେଲା ଆମ ଭାଷାଟି ଏକ ଉନ୍ନତ ଭାଷା କି?

ଭାଷାଟିଏ କେବଳ ପୁରାତନ ହେଲେ ଚଳିବ ନାହିଁ। ଯେଉଁ ଭାଷାର ବ୍ୟବହାର ଯେତେ ଅଧିକ, ଯେଉଁ ଭାଷା ଯେତେ ଜନାଦୃତ, ଯେଉଁ ଭାଷା ଜଗତ୍‌ର ଅନ୍ୟାନ୍ୟ ଭାଷାମାନଙ୍କ ସହ କାନ୍ଧରେ କାନ୍ଧ ମିଳାଇ ଚାଲିଛି, ଯେଉଁ ଭାଷା କମ୍ପ୍ୟୁଟରରେ ଯେତେ ବ୍ୟବହାରଯୋଗ୍ୟ, ସେ ଭାଷା ସେତେ ଉନ୍ନତ। ଯଦି ମାଣ୍ଡାରିନ ଭାଷାଭାଷୀ ଲୋକେ ନିଜ ଦେଶର ସବୁସ୍ଥାନରେ ନିଜ ଭାଷା ଆଉ ଲିପିର ବ୍ୟବହାରକୁ କଡ଼ାକଡ଼ି କରି ନଥାନ୍ତେ, ଯଦି ଜର୍ମାନ ଭାଷୀ ନିଜ ଭାଷାକୁ ବଞ୍ଚେଇ ରଖିବା ସହିତ ଭାଷାକୁ ଯୁଗୋପଯୋଗୀ କରିବାରେ ପଛଘୁଞ୍ଚା ଦେଇଥାଆନ୍ତେ ତେବେ ସେ ଭାଷା ଯେତେ ପୁରାତନ ହୋଇଥିଲେ ବି, କଦାପି ଉନ୍ନତ ହୋଇପାରି ନ ଥାଆନ୍ତା। ସେମିତି ଅନେକ ପୁରାତନ ଭାଷା ଯୁଗର ଚାହିଦା ସହିତ ବଦଳି 'କମ୍ପ୍ୟୁଟରରେ ବ୍ୟବହାରଯୋଗ୍ୟ ଭାଷାରେ ପରିଣତ ହୋଇପାରିଛନ୍ତି। କିଛି ବର୍ଷ ତଳେ କହାଯାଉଥିଲା ଯେ ସଂସ୍କୃତ ହେଉଛି କମ୍ପ୍ୟୁଟର ବ୍ୟବହାର ଲାଗି ସବୁଠାରୁ ଅଧିକ ଯୋଗ୍ୟ ଭାଷା। କିନ୍ତୁ ତାହା କାମରେ ଲାଗିପାରିଲାନାହିଁ ଏଇଥି ପାଇଁ ଯେ ସଂସ୍କୃତକୁ ପୃଥିବୀର ବହୁତ କମ୍ ଲୋକେ ବ୍ୟବହାର କରୁଛନ୍ତି। ଏଇ ନିକଟରେ ୨୦୧୦ରେ ଆଣ୍ଡାମାନର 'ବୋ' ଭାଷାଟି ସମାଧି ନେଲା। କାରଣ ସେ ଭାଷା କହୁଥିବା ଶେଷ ବ୍ୟକ୍ତି, ଯେ କି ଜଣେ ମହିଳା, ବୋଆ ସିନିଅର ଶେଷ ନିଃଶ୍ୱାସ ତ୍ୟାଗ କଲେ। ଭାଷା ବ୍ୟବହାର- ଅଭାବର ଗରଳ ଧୀରେ ଧୀରେ ଏମିତି ଅନେକ ଭାଷାକୁ ମାରୁଛି। ସେଇ ଭାଷାଗୁଡ଼ିକୁ ସେମାନଙ୍କର ବିଶାଳ ଇତିହାସ କିମ୍ବା ପୁରାତନପଣ ବଞ୍ଚାଇ ପାରୁନାହିଁ। ତେଣୁ ଏବେ ବେଳ ଆସିଛି, ଆମେ ଅନୁଶୀଳନ କରିବା କି ଓଡ଼ିଆ ଭାଷାର ଉନ୍ନତୀକରଣରେ ଏବଂ ତାକୁ ଜଗତ୍‌ର ଅନ୍ୟାନ୍ୟ ଅଧିକ ବ୍ୟବହୃତ ଭାଷାମାନଙ୍କ ସହିତ ସମକକ୍ଷ କରିବା ବାଟରେ କଅଣ କଅଣ ପ୍ରତିବନ୍ଧ ରହିଛି।

ପ୍ରାଚୀନ କାଳରେ ଓଡ଼ିଆ ଭାଷା ଏକ ପ୍ରଭାବଶାଳୀ ଭାଷା ଥିଲା। ଇତିହାସ ଦେଖିଲେ ଜଣାପଡ଼ିବ ଯେ ଓଡ଼ିଆର ସୂତା ଲମ୍ବିଛି କଳିଙ୍ଗର ସେଇ କାଳକୁ ଯେଉଁ କାଳରେ ଏହାର ସାଧବ ପୁଅ ସମଗ୍ର ଦକ୍ଷିଣ ଏସିଆରେ ନିଜର ପତିଆରା ଜାରି କରିବାରେ ସଫଳ ହୋଇଥିଲେ। ଏକ ବଣିକ ଜାତି ଭାବରେ ଓଡ଼ିଆ ସାଧବମାନେ କେବଳ ପାଟଲୁଗା ନୁହେଁ, କି ଅନ୍ୟାନ୍ୟ ଦ୍ରବ୍ୟ ନୁହେଁ, ଏଠାର ଭାଷା, ଚଳଣି, ପାର୍ବଣଠାରୁ ଆରମ୍ଭ କରି ମନ୍ଦିର ଓ ସୌଧ ନିର୍ମାଣ ଶୈଳୀ ଯାଏ ଅନେକ କିଛି ଦରିଆପାରି ଦେଶମାନଙ୍କୁ ନେଇଯାଇଥିଲେ। ଆଜି ଦକ୍ଷିଣ ଏସିଆର ଲୋକଙ୍କ ମୁଣ୍ଡିଆ ମାରିବା ହେଉ କି ସେମାନଙ୍କ ଖାଦ୍ୟର ଚାଉଳ-ବହୁଳ ବ୍ୟବହାର ହେଉ କିମ୍ବା ବିଶାଳତମ ବୌଦ୍ଧ ମନ୍ଦିର ଆଙ୍ଗକର ୱାଟ୍‌ର ସ୍ଥାପତ୍ୟ ହେଉ, ସବୁଠି ଓଡ଼ିଆ(କଳିଙ୍ଗ)ର ପ୍ରଭାବ ସ୍ପଷ୍ଟ। ଅନେକ ଦକ୍ଷିଣ ଏସୀୟ ଭାଷାରେ ପ୍ରାଚୀନ ଉତ୍ର ଶବ୍ଦର ବ୍ୟବହାର ଦେଖିବାକୁ ମିଳେ। ତେବେ କଥା ହେଲା, ଆମର ପୂର୍ବ ପୁରୁଷ ଯେଉଁ ସବୁ ଦେଶରେ ନିଜର ଉପନିବେଶମାନ ଗଢ଼ିଥିଲେ, ସେଠାକାର ଲୋକେ ନିଜ ଭାଷାକୁ ପିନ୍ଧାଲୁଗା ଭଳି ଜଡ଼ାଇ ଧରି ରଖିବା ଫଳରେ ଆଜି ସେ ସବୁ ଦେଶର ଲୋକେ ଆପଣା ମାତୃଭାଷାରେ 'ମୋବାଇଲ ଗେମ୍' ଖେଳୁଛନ୍ତି। ସେ ସବୁ ଦେଶର ଲୋକେ ଇଂରେଜୀ ଶିଖୁଛନ୍ତି ସତ, କିନ୍ତୁ ଇଂରେଜୀ ନିର୍ଭର ହୋଇନାହାନ୍ତି। ନିଜ ଭାଷାର ବଳରେ ସେମାନେ ଖୁବ୍ ସମର୍ଥ। କିନ୍ତୁ ଆମେ ସେ ଭଳି କରି ନ ଥିବାରୁ ଆମ ଭାଷା




ଯୁଗୋପଯୋଗୀ ହୋଇପାରିଲା ନାହିଁ।

ଭାଷାଟିଏ ଯେ କେବଳ ଅଭିବ୍ୟକ୍ତିର ଏକ ମାଧ୍ୟମ ବ୍ୟତୀତ ଆଉ କିଛି ନୁହେଁ ତାହା ଭାବିବା ଭୁଲ। ପର୍ତ୍ତୁଗୀଜ ପାଦ୍ରୀଏ ଗୋଆରେ ପ୍ରଥମେ ଯାହା ଶିଖିଲେ ତାହା ହେଲା କୋଙ୍କଣୀ ଭାଷା। ସେଥିଲାଗି କୋଙ୍କଣୀ ଭାଷାର ପ୍ରଥମ ଛପା ଗ୍ରନ୍ଥଟି ହେଲା ବାଇବେଲର ଟେଷ୍ଟାମେଣ୍ଟ। ଏପରିକି ଆମ ଓଡ଼ିଆ ଭାଷା ଆଉ ଅନେକ ଭାରତୀୟ ଭାଷାର ପ୍ରଥମ ଛପା ବହି ବାଇବେଲ। କାରଣ ଭାଷାଟିଏ ଯେ ଜନସମାଜର ହୃଦୟରେ ପ୍ରବେଶ କରିବାର ପ୍ରଥମ ଦୁଆର ଏ କଥା ସେମାନେ ବୁଝିଥିଲେ। ଏ କଥା ବୁଝିଲେ ହୃଦୟଙ୍ଗମ କରିହୁଏ ଯେ ଏହା କେବଳ ଅଭିବ୍ୟକ୍ତିର ମାଧ୍ୟମ ମାତ୍ର ନୁହେଁ, ଏହା ହୃଦୟ ଜିଣିବାର, ରାଜନୀତି କରିବାର, ସମୃଦ୍ଧ ହେବାର, ସାମ୍ରାଜ୍ୟ ବିସ୍ତାର କରିବାର ମଧ୍ୟ ଏକ ମାଧ୍ୟମ। ଏ କଥା ସବୁ ଓଡ଼ିଆ ଭାଷାଭାଷୀ ଲୋକେ ବୁଝିବା ଦରକାର।

ଆଜି ଓଡ଼ିଆ ଭାଷା ଯେଉଁ 'ଅଭାବ'ଟି ଦ୍ୱାରା ସବୁଠାରୁ ଅଧିକ ଜର୍ଜରିତ ତାହା ହେଲା ବ୍ୟବହାରର ଅଭାବ। ଏହାକୁ ଦୂର କରିବା ଲାଗି କିଛି ପଦକ୍ଷେପ ନିଆଯାଇପାରେ। ସେଗୁଡ଼ିକ ହେଲା, ଯଥାକ୍ରମେ ସରକାରୀ ସ୍ତରରେ ବ୍ୟବହାରକୁ ବାଧ୍ୟତାମୂଳକ କରିବା, ସରକାରୀ ନଥୀକରଣରେ ଏହାକୁ ଏକ ମାଧ୍ୟମ କରିବା, ଭାଷାର ବ୍ୟବହାରକୁ ବ୍ୟାପକ କରିବାର ସାଧନ ତିଆରି କରିବା ଓ ଶେଷରେ ଭାଷା ସମ୍ବନ୍ଧରେ ଅଧିକ ଗବେଷଣା ଓ ଭାଷା ଶିକ୍ଷା ନିମନ୍ତେ ଅଧ୍ୟୟନ କେନ୍ଦ୍ରର ପ୍ରତିଷ୍ଠା କରିବା।

ଆମ ଦେଶର ଅନେକ ରାଜ୍ୟରେ ସରକାରୀ କାମ ପାଇଁ ସ୍ଥାନୀୟ ଭାଷାର ବ୍ୟବହାର ସମ୍ପୂର୍ଣ୍ଣ ଭାବେ ବାଧ୍ୟତାମୂଳକ ହୋଇଛି। ଯଦି ଗୋଟିଏ ଭାଷାକୁ ସରକାରୀ ଭାବେ ବ୍ୟବହାର କରାଯିବାର ନିୟମଟିଏ ବାଧ୍ୟତାମୂଳକ ଓ କଡ଼ାକଡ଼ି ହୁଏ, ତେବେ କହିବା ନିଷ୍ପ୍ରୟୋଜନ ଯେ ଭାଷାଟିର ସ୍ୱାସ୍ଥ୍ୟ ଆପେ ଆପେ ବେଶ୍ ଭଲ ହେବାକୁ ଆରମ୍ଭ କରିବ। ତେଣୁ ସବୁ ସରକାରୀ କାର୍ଯ୍ୟାଳୟ ତଥା କୋର୍ଟ କଚେରିରେ ଓଡ଼ିଆ ଭାଷାର ବ୍ୟବହାରକୁ ବାଧ୍ୟତାମୂଳକ କରାଯିବା ହେଉଛି ସବୁଠାରୁ ବଡ଼ ଆବଶ୍ୟକତା। ଦ୍ୱିତୀୟରେ ଆସିବ ଭାଷା ବ୍ୟବହାରକୁ ବ୍ୟାପକ କରିବା। ଏଥିରେ ଆମମାନଙ୍କ ଭଳି ନାଗରିକଙ୍କ ଦାୟିତ୍ୱ ହେଉଛି ସର୍ବାଧିକ। ତେବେ ସରକାରୀ ତାଗିଦ୍ ଏଥିରେ ବି କାମ ଦେବ। ଏ ବାବଦରେ କର୍ଣ୍ଣାଟକର ଉଦାହରଣ ନିଆଯାଇପାରେ। ସେଠାରେ ସବୁ ପ୍ରକାର ସାଇନ୍ ବୋର୍ଡ୍‌ରେ କନ୍ନଡ଼ ଭାଷାର ବ୍ୟବହାର ବାଧ୍ୟତାମୂଳକ। ଯେହେତୁ କନ୍ନଡ଼ ଓ ଇଂରେଜୀ ଛଡ଼ା ଅନ୍ୟ ଭାଷାରେ ତାହା ଲେଖାଯାଇପାରିବ ନାହିଁ, ଇଂରେଜୀ ଜାଣି ନ ଥିବା ଅଣକର୍ଣ୍ଣାଟକୀ ଲୋକେ କନ୍ନଡ଼ ଶିଖିବାକୁ ବାଧ୍ୟ। ତାହା ସେ ରାଜ୍ୟରେ ଭାଷାର ବ୍ୟାପ୍ତିକୁ ବଢ଼ାଇଛି। ଆମ ରାଜ୍ୟରେ ଯେଉଁ ଇ-ଗଭର୍ନାନ୍ସ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି ତାହାର ମୂଳ ସୋପାନ ଏୟା ହେଉ ଯେ ୱେବ୍ ସାଇଟ୍‌ରେ ସମସ୍ତ ତଥ୍ୟ ଓଡ଼ିଆରେ ଉପଲବ୍ଧ ହେଉ।

ଅବସୋସର ସହିତ କହିବାକୁ ପଡୁଛି ଯେ ଶିକ୍ଷିତ ସହରୀ ଓଡ଼ିଆ ନିଜ ମାତୃଭାଷାକୁ ନେଇ ଗର୍ବ କରିବା ତ ଦୂରର କଥା ସେମାନଙ୍କ ମନରେ ଏ ନେଇ ଘୋର ହୀନମନ୍ୟତା ରହିଛି। ଓଡ଼ିଆ ଭାଷାର ସବୁଠାରୁ ଅଧିକ ବ୍ୟବହାର କରୁଛନ୍ତି ଗ୍ରାମୀଣ ଲୋକେ, ଅଧାପାଠୁଆ ବା ଅଶିକ୍ଷିତ ଲୋକେ। ତେଣୁ ସହରୀ ମାନସିକତାକୁ ପ୍ରଭାବିତ କରିବାକୁ ହେଲେ ଏ ଭାଷାକୁ କେମିତି ଅତ୍ୟାଧୁନିକ ପ୍ରଯୁକ୍ତିର ମାଧ୍ୟମ କରିହେବ, ସେ ଦିଗରେ ଅଧିକ ଗବେଷଣା କରାଯିବା ଦରକାର। ଉଦାହରଣ ସ୍ୱରୂପ, ଚତୁର ବିନୋଦଠାରୁ ଆରମ୍ଭ କରି ଅବୋଲକରା କାହାଣୀ ଯାଏ ଆମ ସାହିତ୍ୟର ନାନାଦି ଜଣାଶୁଣା ଓ ବ୍ୟାପକ ଭାବେ ଜନାଦୃତ କଥା ଓ କାହାଣୀକୁ 'ଆନିମେସନ୍ ଫିଲ୍ମ', 'ଗ୍ରାଫିକ୍ ନଭେଲ' ବା କମ୍ପ୍ୟୁଟର ଗେମ୍ ଜରିଆରେ ସହରୀ ଲୋକଙ୍କ ପାଖରେ ପହଞ୍ଚାଇବାକୁ ହେବ। ଓଡ଼ିଆ ଭାଷା ସେହି ଭାରତୀୟ ଭାଷାମାନଙ୍କ ଭିତରୁ ଗୋଟିଏ ଯେଉଁଥିରେ ଖୁବ୍ କମ୍ ଲେଖାଲେଖି ଇଣ୍ଟରନେଟ୍‌ରେ ଉପଲବ୍ଧ।ଏହା ବଢ଼ାଇବା ଦିଗରେ ଯେଉଁ ପ୍ରଯୁକ୍ତିଗତ ପ୍ରତିବନ୍ଧ ରହିଛି ତାକୁ ଦୂର କରିବା ଦିଗରେ ଗବେଷଣା ଓ ଉଦ୍ୟମ ଆବଶ୍ୟକ। ଏହା ହେଲେ ଓଡ଼ିଆ ଭାଷାର ବ୍ୟାପ୍ତି ଅଧିକ ହେବ।

କେବଳ ଗପ, କବିତା ଓ ଉପନ୍ୟାସ ଲେଖା ନୁହେଁ, ଭାଷାର ଗବେଷଣା, ଲିପିର ଗବେଷଣା ଓ ଭାଷା ଯେଉଁ ସ୍ଥାନରେ ଯେଉଁ ଭାବରେ ବ୍ୟବହାର ହୁଏ ସେ ସବୁଠାରେ ଭାଷା ବ୍ୟବହାରର ଶୁଦ୍ଧତା ଓ ସନ୍ତୁଳନ ଉପରେ ଗୁରୁତ୍ୱ ଦିଆଯିବା ନିତାନ୍ତ ଆବଶ୍ୟକ। ଅନେକ କମ୍ପ୍ୟୁଟର ସଫ୍ଟୱେୟାର ଓ ୱେବ୍‌ସାଇଟର ବାହାର ଆବରଣ ବା ଯାହାକୁ ଜଣେ ବ୍ୟବହାରକାରୀ ବ୍ୟବହାର କରି କାମ କରେ, ତାକୁ 'ଫ୍ରିକ୍ୱେଣ୍ଟଲି ଇଉଜ୍‌ଡ ଏସେନ୍‌ସିଆଲ୍ ଲାଙ୍ଗୁଏଜ୍' ବୋଲି କୁହାଯାଏ। ଏହି ଭାଷାର ମାନକ ଆଉ ପାଠ୍ୟ ପୁସ୍ତକରେ ବ୍ୟବହାର ହେଉଥିବା ଭାଷାର ମାନକ ଏକ ହେବା ନିହାତି ଦରକାର। ସେହିଭଳି ଖବରକାଗଜ, ଟିଭି ଓ ବିଜ୍ଞାପନ ଆଦି ଗଣମାଧ୍ୟମ ଯାହା ସାଧାରଣ ଲୋକଙ୍କ ପାଖରେ ପହଞ୍ଚୁଛି ତାହାର ଭାଷାରେ ତାଳମେଳ ରହୁନାହିଁ। ଏ ବାବଦରେ ସରକାରଙ୍କ ଶିକ୍ଷା ବିଭାଗ, ଶିକ୍ଷାବିତ୍, ବିଭିନ୍ନ ବୟସ- ଜୀବିକା ବର୍ଗର ସାଧାରଣ ବ୍ୟବହାରକାରୀ, ବୈଷୟିକ ଗବେଷକମାନେ ମିଶି ଓଡ଼ିଆ ଭାଷାର ଔପଚାରିକ ଓ ଅନୌପଚାରିକ ବ୍ୟବହାର ତଥା ବନାନ ବାବଦରେ ଏକ ମାନକ ପୁସ୍ତିକା ତିଆରି କରିପାରିଲେ ତାହା ଉଭୟ ଶିକ୍ଷାନୁଷ୍ଠାନ, ଗଣମାଧ୍ୟମ ତଥା ସାଧାରଣ ଲୋକଙ୍କ ଉପଯୋଗରେ ରେ ଲାଗିପାରିବ। ଏହା କେବଳ ଯେ ଭାଷାର ବିକାଶର ଧାରାକୁ ବଞ୍ଚାଇ ରଖିବ ତାହା ନୁହେଁ, ବିଭିନ୍ନ ପ୍ରକାର ଭୁଲ୍ ବ୍ୟବହାର ଦ୍ୱାରା ଭାଷାର କାନ୍ଧରେ ଯେଉଁ କୁରାଢ଼ି ବାଜୁଛି ତାହା ଆଉ ବାଜିବ ନାହିଁ।

ଶେଷରେ ଗୋଟିଏ ବିଷୟକୁ ଗଣ୍ଠି କରି ଧରିବାକୁ ପଡ଼ିବ। କେଇଜଣ ଓଡ଼ିଆଙ୍କ ଭାଷା ବିମୁଖତାକୁ ଆଧାର କରି ଓଡ଼ିଆ ଜାତିକୁ କଙ୍କଡ଼ା କହିବା ଅଭ୍ୟାସର ଅବସାନ ହେଉ। ଓଡ଼ିଆ ଭାଷାର ବିଭବ ଓ ବିଭାବ ତାର କଥିତ ଭାଷାମାନ। ଅଞ୍ଚଳ ଭେଦରେ ଯଦି ଭାଷାର କଥନ ବଦଳୁଛି ତାହା ଏକ ଭାଷାର ବହୁମୁଖୀତାକୁ ଦେଖାଉ ନାହିଁ କି? ଯେଉଁ ଆଣ୍ଟରେ ଗୋପାଳ ପ୍ରହରାଜେ ଓଡ଼ିଶାର ସବୁ ଅଞ୍ଚଳର କଥିତ ଶବ୍ଦ ସମ୍ଭାରକୁ ନିଜ ଭାଷାକୋଷରେ ସାଇତିଥିଲେ ଯଦି ସେସବୁକୁ ଆମ ଗଣମାଧ୍ୟମରେ ବ୍ୟବହାର କରାଯାଆନ୍ତା, ଖାସ୍ କରି ହିନ୍ଦୀ ଶବ୍ଦର ବହୁଳ ବ୍ୟବହାରକୁ ରୋକି ଏପରି କରାଯାଆନ୍ତା, ତାହା ହେଲେ ଓଡ଼ିଶାବାସୀ ନିଜ ଅଞ୍ଚଳ ତଥା ବାକି ଅଞ୍ଚଳର ଲୋପ ପାଇ ଯାଉଥିବା ଅନେକ ଶବ୍ଦର ପରିଚିତି ଜାଣନ୍ତେ। ଯେମିତି ଆମ ଘର ଲୋକଙ୍କୁ କିଏ ଗାଳିଦେଲେ ଆମ ହିଆକୁ ବାଧୁଛି, ସେମିତି ଆମ ଭାଷା ପାଇଁ ଦରଦଟି ପିଲାଙ୍କ ମନରେ ରୋପିଲେ ଆମର ପର ପିଢ଼ି ଯେ ଆଉ ଏକ ଭାଷା ଆନ୍ଦୋଳନ କରି ପାଞ୍ଚ ଭାଷା ଭିତରେ ଓଡ଼ିଆକୁ ଏକ ନ କରିବେ ତାହା କିଏ କହିବ? ଏ ଗୁରୁ ଦାୟିତ୍ୱଟି ଅଭିଭାବକମାନଙ୍କର, ଆଉ ଆମ ସମସ୍ତଙ୍କର।